# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**14 May - 2024**

**News Editor : *Tapan Kumar Maharana***

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ଲାଗି ନାମାଙ୍କନପତ୍ର ଦାଖଲର ଆଜି ଥିଲା ଶେଷଦିନ
- ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଆସନ୍ତାକାଲି କଟକରେ  କରିବେ ରୋଡ୍ ଶୋ'
- ବିକଶିତ ଭାରତ ଗଠନରେ ସ୍କାଉଟ୍ସ୍ ଓ ଗାଇଡ୍ସ୍ ପରି ସଂଗଠନର ଅବଦାନ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ; କହିଲେ,  ରାଜ୍ୟପାଳ ରଘୁବର ଦାସ
- ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାଙ୍କ ପାଇଁ ବେସରକାରୀ ବିଦ୍ୟାଳୟଗୁଡ଼ିକରେ ଏଣିକି ପଡିବ ନାହିଁ ପ୍ରବେଶ ଶୁଳ୍କ

ଏବଂ

- ବୈଶାଖ ଶୁକ୍ଳ ଅଷ୍ଟମୀ ତିଥିରେ ଶ୍ରୀମନ୍ଦିରରେ ଆସନ୍ତାକାଲି ଅନୁଷ୍ଠିତ ହେବ ଶ୍ରୀଜୀଉଙ୍କ ନିଳାଦ୍ରୀ ମହୋଦୟ ନୀତି

## ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା

ରାଜ୍ୟରେ ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ଲାଗି ଆଜି ପ୍ରାର୍ଥିପତ୍ର ଦାଖଲ ଶେଷ ହୋଇଛି । ଏହି ପର୍ଯ୍ୟାୟରେ ୬ଟି ସଂସଦୀୟ କ୍ଷେତ୍ର ଏବଂ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ପାଇଁ ଜୁନ୍ ପହିଲାରେ ମତଦାନ ହେବ । ୬ଟି ଯାକ ଲୋକସଭା ଆସନ ହେଉଛି- ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା ଓ ଜଗତ୍‌ସିଂହପୁର । ଆସନ୍ତାକାଲି ନାମାଙ୍କନପତ୍ରଗୁଡ଼ିକର ଯାଞ୍ଚ କରାଯିବ ଏବଂ ଶୁକ୍ରବାର ହେଉଛି ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିବସ ।

## ନିର୍ବାଚନ-ଭଦ୍ରକ

ଭଦ୍ରକ ଜିଲ୍ଲାରେ ଆଜି ନାମାଙ୍କନପତ୍ର ଦାଖଲର ଶେଷ ଦିନରେ ୧୧ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି । ଭଦ୍ରକ ବିଧାନସଭା ନିର୍ବାଚନମଣ୍ଡଳୀର ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ର ସାହୁ, ମହେନ୍ଦ୍ର ତିଆଡି, ବିଏସ୍‌ପିର ରାଜେନ୍ଦ୍ର ଲେଙ୍କା ନାମାଙ୍କନପତ୍ର ଦାଖଲ କରିଛନ୍ତି । ସେହିପରି ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଓଜେପିର ବିଜୟ କୁମାର ମଲ୍ଲିକ୍ ପ୍ରାର୍ଥିପତ୍ର ଦାଖଲ କରିଥିବାବେଳେ ଧାମନଗର ବିଧାନସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ସରୋଜ ସେଠୀ, ସଞ୍ଜୟ ଦାସ ଓ ପ୍ରସନ୍ନ ଦାସ ପ୍ରମୁଖ ନିଜର ନାମାଙ୍କନପତ୍ର ଦାଖଲ କରିଛନ୍ତି । ବାସୁଦେବପୁର ବିଧାନସଭା ଆସନ ପାଇଁ ବିଏସ୍‌ପିର ଭାଗବତ ମଲ୍ଲିକ୍ ଏବଂ ୩ ଜଣ ସ୍ୱାଧୀନ ପ୍ରାର୍ଥୀ ମାନସ ଜେନା, ବୀରେନ୍ଦ୍ର ସିଂହଲ ଓ ଲକ୍ଷ୍ମୀକାନ୍ତ ପରିଡା ଅତିରିକ୍ତ ଜିଲ୍ଲାପାଳଙ୍କଠାରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି ।

## ଅମିତ୍ ଶାହ

ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଆସନ୍ତାକାଲି କଟକ ଗସ୍ତରେ ଆସୁଛନ୍ତି। କଟକ ଲୋକସଭା ଓ ବିଧାନସଭା ପ୍ରାର୍ଥୀମାନଙ୍କ ପାଇଁ ଶ୍ରୀ ଶାହ ପ୍ରଚାର କରିବେ। ମିଳିଥିବା ସୂଚନା ଅନୁଯାୟୀ, ଶ୍ରୀ ଶାହଙ୍କ ରୋଡ୍ ଶୋ' ବକ୍ସିବଜାର ସମାଜ କାର୍ଯ୍ୟାଳୟ ସମ୍ମୁଖରୁ ଅପରାହ୍ଣ ୪ଟାରେ ଆରମ୍ଭ ହେବ। ଏହି ରୋଡ୍ ଶୋ' ତିନିକୋଣିଆ ବଗିଚା, ଦରଘା ବଜାର, ଚୌଧୁରୀ ବଜାର ଓ ବାଲୁବଜାର ଦେଇ ଚାନ୍ଦିନିଚୌକ ପର୍ଯ୍ୟନ୍ତ ଯିବ।

ଅନ୍ୟପକ୍ଷରେ, ଆସନ୍ତା ଗୁରୁବାର ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୁବନେଶ୍ୱରରେ ଏକ ରୋଡ୍ ଶୋ'ରେ ଅଂଶଗ୍ରହଣ କରିବେ। ଗଙ୍ଗାନଗର ଛକରୁ ଆରମ୍ଭ ହେବାକୁ ଥିବା ଏହି ରୋଡ ଶୋ' ରୁପାଲି ଛକ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡିଛି।

## ନିର୍ବାଚନ-ବାଲେଶ୍ୱର

ରାଜ୍ୟର ଚତୁର୍ଥ ପର୍ଯ୍ୟାୟ ମତଦାନରେ ଆସନ୍ତା ଜୁନ୍ ପହିଲାରେ ବାଲେଶ୍ୱର ଲୋକସଭା ଆସନ ଏବଂ ଜିଲ୍ଲାର ୮ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ମତଗ୍ରହଣ କରାଯିବ।

ଜିଲ୍ଲାରେ ନିର୍ବାଚନ ସ୍ଥିତି ନେଇ ବାଲେଶ୍ୱରରୁ **ଗଙ୍ଗାଧର ରାଉତ**ଙ୍କ ରିପୋର୍ଟ....

## - V/O –

## ସ୍କାଉଟ୍ସ୍ ଓ ଗାଇଡ୍ସ-ରାଜ୍ୟପାଳ

ବିକଶିତ ଭାରତ ଗଠନରେ ସ୍କାଉଟ୍‌ସ୍ ଓ ଗାଇଡ୍‌ସ୍ ପରି ସଂଗଠନର ଅବଦାନ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି। ରାଜଭବନଠାରେ ଆଜି ଆୟୋଜିତ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍‌ସ୍ ଓ ଗାଇଡ୍‌ସ୍‌ର ରାଜ୍ୟ ପୁରସ୍କାର ପ୍ରଦାନ ଉତ୍ସବରେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି।  ରାଜ୍ୟରେ ସ୍କାଉଟ୍‌ସ୍ ଓ ଗାଇଡ୍‌ସ୍‌ର କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବା ଉପରେ ସେ ଗୁରୁତ୍ୱଆରୋପ କରିଛନ୍ତି। ସେ ଆହୁରି କହିଛନ୍ତି, ଭାରତ ସ୍କାଉଟ୍‌ସ୍ ଓ ଗାଇଡ୍‌ସ ସବୁବେଳେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାହାଯ୍ୟ ମନୋଭାବ, ଦକ୍ଷତା ବୃଦ୍ଧି ଏବଂ ଆଜୀବନ ବନ୍ଧୁତା ସ୍ଥାପନକୁ ଅଗ୍ରାଧିକାର ଦେଇଆସିଛି। ଏହି ଅବସରରେ ସ୍କାଉଟ୍‌ସ୍ ଓ ଗାଇଡ୍‌ସ ସଂଗଠନର ବିଭିନ୍ନ କାର୍ଯ୍ୟକ୍ରମରେ ଉତ୍କର୍ଷ ପ୍ରତିପାଦନ କରିଥିବା ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ରାଜ୍ୟପାଳ ସମ୍ମାନିତ କରିଥିଲେ।

## ଶିକ୍ଷା ଅଧିକାର ଆଇନ୍

ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାମାନଙ୍କ ପାଇଁ ବେସରକାରୀ ବିଦ୍ୟାଳୟଗୁଡ଼ିକରେ ପ୍ରବେଶ ଶୁଳ୍କକୁ ଛାଡ କରାଯାଇଛି। ଶିକ୍ଷା ଅଧିକାର ଆଇନ୍ ଅନୁଯାୟୀ, ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିପାଇଁ ଆର.ଟି.ଇ. ପାରଦର୍ଶୀ ପୋର୍ଟାଲ୍‌ରେ ଆବେଦନପତ୍ର ଆହ୍ୱାନ କରାଯାଇଥିଲା। ସମୁଦାୟ ୨ ହଜାର ୩୦୨ ଅନ୍‌ଲାଇନ୍ ଆବେଦନ କରାଯାଇଥିବାବେଳେ ସେଥିମଧ୍ୟରୁ ୧ ହଜାର ୭୭୮ଟି ଆବେଦନପତ୍ର ଯୋଗ୍ୟ ବିବେଚିତ ହୋଇଛି। କେନ୍ଦ୍ରୀୟ ଲଟେରୀ ମାଧ୍ୟମରେ ୧ ହଜାର ୫୮୯ ଜଣ ଛାତ୍ରଛାତ୍ରୀଙ୍କୁ ନାମଲେଖା ପାଇଁ ଚୟନ କରାଯାଇଛି। ବେସରକାରୀ ବିଦ୍ୟାଳୟଗୁଡ଼ିକରେ ଆଜିଠାରୁ ନାମଲେଖା ଆରମ୍ଭ ହୋଇ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ବେସରକାରୀ ବିଦ୍ୟାଳୟଗୁଡ଼ିକୁ କୌଣସି ଅର୍ଥ ଅଭିଭାବକଙ୍କ ଠାରୁ ଗ୍ରହଣ

କଲେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶିତ ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି।

## ସଡକ ଦୁର୍ଘଟଣା

**ନୂଆପଡା** ଜିଲ୍ଲା ତରବୋର୍ଡ ଗ୍ରାମ ନିକଟସ୍ଥ ଫଣ୍ଡେଲନଳା ପାଖରେ ସଂଗଠିତ ସଡକ ଦୁର୍ଘଟଣାରେ ମୃତ ପ୍ରିଜାଇଡିଂ ଅଧିକାରୀଙ୍କ ନିକଟ ସମ୍ପର୍କୀୟଙ୍କ ପାଇଁ ୧୫ ଲକ୍ଷ ଟଙ୍କାର ଅତିରିକ୍ତ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରାଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ସହାୟତା ରାଶି ପ୍ରଦାନ କରିବାକୁ ନବରଙ୍ଗପୁର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ନିର୍ବାଚନ-ଗଞ୍ଜାମ

ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟଗ୍ରହଣ ପାଇଁ ନିଯୁକ୍ତ ଥିବା ପୁଲିସ୍ କର୍ମଚାରୀଙ୍କ ପାଇଁ ପୋଷ୍ଟାଲ୍ ବାଲାଟ୍ ମାଧ୍ୟମରେ ଭୋଟ ଦେବାଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଆସନ୍ତାକାଲିଠାରୁ ୧୭ ତାରିଖ ପର୍ଯ୍ୟନ୍ତ ଛତ୍ରପୁର ଜିଲ୍ଲାପାଳଙ୍କ ପୁରୁଣା କୋଠାଗୃହରେ ପୁଲିସ୍ କର୍ମଚାରୀମାନେ ସେମାନଙ୍କର ମତାଧିକାରୀ ସାବ୍ୟସ୍ତ କରିପାରିବେ। ଆସିକା ଲୋକସଭା ଓ ୭ଟି ବିଧାନସଭା ଆସନ ପାଇଁ ଏଥିପୂର୍ବରୁ ଆବେଦନ କରିଥିବା ପୁଲିସ୍ କର୍ମଚାରୀମାନେ ଏହି ମତଦାନ କରିପାରିବେ।

## ମତଦାନ-ପୁରୀ

ପୁରୀ ଜିଲ୍ଲାରେ ପୁରୀ ଲୋକସଭା ନିର୍ବାଚନମଣ୍ଡଳୀ ଏବଂ ଏହା ଅନ୍ତର୍ଗତ ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ ଓ ପିପିଲି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ

ଆସନ୍ତା ୨୫ ତାରିଖରେ ମତଗ୍ରହଣ କରାଯିବ। ସେହିଭଳି ଜଗତ୍‌ସିଂହପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କାକଟପୁର ଓ ନିମାପଡା ବିଧାନସଭା ମଣ୍ଡଳୀ ଲାଗି ମତଗ୍ରହଣ ଜୁନ୍ ପହିଲାରେ ଅନୁଷ୍ଠିତ ହେବ। ଜିଲ୍ଲାରେ ୧ ହଜାର ୫୯୮ଟି ମତଦାନ କେନ୍ଦ୍ରରେ ଭୋଟର ମତାଧିକାର ସାବ୍ୟସ୍ତ କରିବେ। ସେଥିମଧ୍ୟରୁ ୨୯୯ଟି ମତଦାନ କେନ୍ଦ୍ରକୁ ଆଦର୍ଶ ମତଦାନ କେନ୍ଦ୍ର ଭାବେ ପ୍ରସ୍ତୁତ କରାଯାଇଛି।

## ନିର୍ବାଚନ-ଦେବଗଡ଼

**ଦେବଗଡ଼** ଜିଲ୍ଲାରେ ଚଳିତ ମାସ ୨୫ ତାରିଖରେ ହେବାକୁ ଥିବା ମତଦାନ ପରିପ୍ରେକ୍ଷୀରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସୌମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶାନ୍ତିଶୃଙ୍ଖଳାର ସହ ସ୍ୱଚ୍ଛ ଓ ଅବାଧ ନିର୍ବାଚନ ପରିଚାଳନା ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା। ନିର୍ବାଚନ ସମୟରେ ଗ୍ରୀଷ୍ମପ୍ରବାହର ମୁକାବିଲା ଲାଗି ବ୍ୟାପକ ପ୍ରସ୍ତୁତି କରାଯାଇଛି।

## ମତଦାନ ଶେଷ

**କଳାହାଣ୍ଡି** ଜିଲ୍ଲାରେ ଗୋଟିଏ ଲୋକସଭା ଓ ଏହା ଅଧିନରେ ଥିବା ୫ଟି ବିଧାନସଭା ଆସନ ପାଇଁ ମତଦାନ ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଛି। ଜିଲ୍ଲାରେ ୭୮ ଦଶମିକ ୪/୬ ପ୍ରତିଶତ ମତଦାନ ହୋଇଥିବା ଜିଲ୍ଲା ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ଜିଲ୍ଲାର ୧୨ ଲକ୍ଷ ୪ ହଜାର ୪୬୯ ଭୋଟରଙ୍କ ମଧ୍ୟରୁ ୯ ଲକ୍ଷ ୪୫ ହଜାର ୬୭ ଜଣ ମତଦାନ ସାବ୍ୟସ୍ତ

କରିଛନ୍ତି । ସେମାନଙ୍କ ମଧ୍ୟରେ ୪ ଲକ୍ଷ ୬୮ ହଜାର ୪୬ ଜଣ ପୁରୁଷ, ୪ ଲକ୍ଷ ୭୭ ହଜାର ୨ ଜଣ ମହିଳା ଏବଂ ୧୯ ଜଣ ଅନ୍ୟାନ୍ୟ ବର୍ଗର ମତଦାତା ରହିଛନ୍ତି ।

## ନିର୍ବାଚନ-ନୂଆପଡା

**ନୂଆପଡା** ଜିଲ୍ଲାରେ ଗତକାଲି ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ମତଦାନହାର ୭୬ ଦଶମିକ ୫/୪ ପ୍ରତିଶତ ରହିଛି । ଜିଲ୍ଲାରେ ୪ ଲକ୍ଷ ୯୬ ହଜାର ୩୧୧ ଜଣ ମତଦାତାଙ୍କ ମଧ୍ୟରୁ ୩ ଲକ୍ଷ ୭୯ ହଜାର ୮୮୦ ଜଣ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି । ସେଥିମଧ୍ୟରେ ୧ ଲକ୍ଷ ୮୫ ହଜାର ୭୬୬ ଜଣ ପୁରୁଷ ଭୋଟର ଓ ୧ ଲକ୍ଷ ୯୪ ହଜାର ୧୦୯ ଜଣ ମହିଳା ଭୋଟର ଏବଂ ୫ ଜଣ ତୃତୀୟଲିଙ୍ଗୀ ମତଦାତା ଭୋଟ ଦେଇଛନ୍ତି ।

## ନିଳାଦ୍ରୀ ମହୋଦୟ ନୀତି

ବୈଶାଖ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ଆସନ୍ତାକାଲି ଶ୍ରୀମନ୍ଦିରରେ ନିଳାଦ୍ରୀ ମହୋଦୟ ନୀତି ଅନୁଷ୍ଠିତ ହେବ । ସକାଳ ଧୂପ ପରେ ଆଲଟଲାଗି ନୀତି କରାଯାଇ ଆଜିଠାରୁ ଅଧିବାସ ହୋଇ ରହିଥିବା ୧୦୮ ଗଡୁ ଜଳକୁ ସିଂହାସନ ନିକଟକୁ ଅଣାଯିବ । ପୂଜାପଣ୍ଡା ସେବକମାନେ ଏହି ଜଳ ଦ୍ୱାରା ମହାପ୍ରଭୁଙ୍କ ସମ୍ମୁଖରେ ଦର୍ପଣ ରଖି ମହାସ୍ନାନ ନୀତି ସମ୍ପନ୍ନ କରିବେ ବୋଲି ଜଣାପଡିଛି ।

## ରେଳବାଇ କର୍ମଚାରୀ ପୁରସ୍କାର

ସମ୍ବଲପୁର ରେଳମଣ୍ଡଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟଠାରେ ଆଜି ରେଳବାଇ କର୍ମଚାରୀ ପୁରସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ନିରାପତ୍ତା ପାଇଁ ସଜାଗ, କର୍ତ୍ତବ୍ୟନିଷ୍ଠା ଏବଂ ରେଳବାଇର ବିଭିନ୍ନ ନିୟମର ସଠିକ୍ ପାଳନ କରିଥିବା କର୍ମଚାରୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଛି ।

*********************************